# ପଞ୍ଜାବ ଚାଲାଣ ବେଳେ ଗଞ୍ଜେଇ ଜବତ, ୨ ଗିରଫ

ବାଲିମେଳା,୫।୨(ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଓର୍କେଲ ପୋଲିସ ମଙ୍ଗଳବାର ୬୬ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରିଛି। ସେମାନେ ପଞ୍ଜାବ ଲୁଧିଆନା ଜିଲା ମାଛିୱାଡା ଗ୍ରାମର ହଜାରୀ(୨୧) ଓ ଗୋପୀ(୩୧) ବୋଲି ଜଣାପଡିଛି। ଖବରରୁ ଜଣାପଡିଛି ସୋମବାର ସନ୍ଧ୍ୟାରେ ମାଲକାନଗିରି-ବାଲିମେଳା ରାସ୍ତାର ଦଳପତିଗୁଡାଠାରେ ପୋଲିସ ଏସ୍ଆଇ ରଜନୀକାନ୍ତ ଦୀପଙ୍କ ନେତୃତ୍ୱରେ ଗାଡିମୋଟର ଯାଞ୍ଚ ହେଉଥିଲା। ଏହି ସମୟରେ ଏକ ଅଟୋ ଦ୍ରୁତଗତିରେ ଆସୁଥିବା ଦେଖିଥିଲେ। ସନ୍ଦେହରେ ଏହାକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୩ଟି ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା। ପରେ ଏହି ଗଞ୍ଜେଇକୁ ଜବତ କରି ଅଭିଯୁକ୍ତ ହଜାରୀ ଓ ଗୋପୀଙ୍କୁ ପୋଲିସ ଗିରଫ କରିଥିଲା। ଏହି ଗଞ୍ଜେଇ ଚିତ୍ରକୋଣ୍ଡାର ଗୁଣ୍ଟୁଗୁଡାରୁ ଆସୁଥିଲା।




# ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ସପ୍ତାହ ପାଳିତ

କାଲିମେଳା,୫।୨(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଳା ବ୍ଲକସ୍ଥିତ ଗୋପବନ୍ଧୁ ଆଞ୍ଚଳିକ କନିଷ୍ଠ ମହାବିଦ୍ୟାଳୟ ପରିସରରେ ଜିଲା ପରିବହନ ବିଭାଗ ଆନୁକୂଲ୍ୟରେ ୩୦ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି । }ଅଧ୍ୟାପକ ହିମାଂଶୁ ଶେଖର ବୈଦ୍ୟଙ୍କ ଅଧ୍ୟକ୍ଷତାରେ ହୋଇଥିବା ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିବହନ ଅଧିକାରୀ (ଆରଟିଓ) ପ୍ରହଲ୍ଲାଦ ବେହେରା ଯୋଗଦେଇ ସଡକ ସୁରକ୍ଷା ସପ୍ତାହ ପାଳନ ସମ୍ପର୍କରେ ନିଜ ମତ ରଖିଥିଲେ। ଏହି ସଡକ ସୁରକ୍ଷା ସପ୍ତାହ ଦିବସ ଗତ ସୋମବାରଠାରୁ ଆରମ୍ଭ ହୋଇଛି। ଏହା ୭ ଦିନ ଧରି ଜିଲାର ବିଭିନ୍ନ ସ୍ଥାନରେ ପାଳନ କରାଯିବ ବୋଲି ଆରଟିଓ ବେହେରା ସୂଚନା ଦେଇଥିଲେ। ସେ କହିଥିଲେ ଯେ, ଗାଡି ଚଳାଇବା ସମୟରେ ସତର୍କତା ଅବଲମ୍ବନ କଲେ ସଡକ ଦୁର୍ଘଟଣାରୁ ନିଜେ ସୁରକ୍ଷିତ ରହିବା ସହିତ ଅନ୍ୟ ଲୋକଙ୍କୁ ମଧ୍ୟ ସୁରକ୍ଷିତ ରଖିପାରିବେ। ଅଧ୍ୟାପକ ପ୍ରଭାତ କୁମାର ସୂତାର, ସୁଦାମ ମହାଳିକ, ପ୍ରଫୁଲ୍ଲ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ନିଜେ ଧୀରେ ଗାଡି ଚଳାଇ ଅନ୍ୟ ଚାଳକଙ୍କୁ ମଧ୍ୟ ଧୀରେ ଗାଡି ଚଳାଇବା ପାଇଁ ପରାମର୍ଶ ଦେବା, ହେଲମେଟ ଓ ଚାରିଚକିଆ ଯାନ ପାଇଁ ସିଟ ବେଲ୍ଟ ବ୍ୟବହାର, ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର ନ କରିବା, ନିଶାସେବନ କରି ଗାଡି ନ ଚଳାଇବା ଆଦି ପରାମର୍ଶ ଦେଇଥିଲେ । ଏହି ଅବସରରେ ସଡକ ନିୟମ ମାନି ଚଳିବାକୁ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଯାଇଥିଲା । କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ପୁରୁଣା ହାଟ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରତିବନ୍ଧକ


ଗୋବିନ୍ଦପାଲି ହାଟ।

ଗୋବିନ୍ଦପାଲି, ୫।୨ (ଡି.ଏନ୍.ଏ.)

ମାଲକାନଗିରି ଜିଲାର ପ୍ରବେଶ ଦ୍ୱାର ହେଉଛି ଗୋବିନ୍ଦପାଲି ଗ୍ରାମ। ଏଠାରେ ମଙ୍ଗଳବାର ସକାଳ ୭ଟାରୁ ଅପରାହ୍ନ ୫ଟା ଯାଏ ଚାଲେ ସାପ୍ତାହିକ ହାଟ। ଏହାକୁ 'ମଙ୍ଗଳବାର ହାଟ' ବୋଲି ଲୋକେ କୁହନ୍ତି। ହାଟଟି ବହୁ ପୁରୁଣା। ହାଟ ଉପରେ ଖଇରପୁଟ ବ୍ଲକ ସହ ମାଥିଲି, ଗୁମ୍ମା, ବୈପାରୀଗୁଡା ଓ ଲମତାପୁଟ ବ୍ଲକର ପାଖାପାଖି ୮୦ରୁ ୯୦ ଗ୍ରାମର ଲୋକେ ନିର୍ଭର କରନ୍ତି। ହାଟ ପାଖଦେଇ ଯାଇଛି ବିଦ୍ୟାଳୟ ଓ କଲେଜକୁ ରାସ୍ତା। ହାଟଦିନ ରାସ୍ତା ଉପରେ ବ୍ୟବସାୟୀମାନେ ବ୍ୟବସାୟ କରୁଥିବାରୁ ଛାତ୍ରୀଛାତ୍ରମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହା ଶିକ୍ଷାବିତ୍, ଅଭିଭାବକ, ଶିକ୍ଷକଙ୍କୁ ଚିନ୍ତାରେ ପକାଇଛି। ଅଭିଭାବକମାନେ ମଧ୍ୟ ହାଟଦିନ ପିଲାଙ୍କୁ ବିଦ୍ୟାଳୟ ଛାଡିବାକୁ ଇଚ୍ଛା କରୁନାହାନ୍ତି। ଏହିପରି ଅବ୍ୟବସ୍ଥା ପାଇଁ ଅଭିଭାବକମାନେ ବିଭାଗୀୟ ଉଦାସୀନତାକୁ ଦାୟୀ କରିଛନ୍ତି। ହାଟରୁ ଆରଏମ୍‌ସି ନିୟମିତ ଟିକସ ଆଦାୟ କରୁଥିବାବେଳେ ସମସ୍ୟାର ସମାଧାନ ପ୍ରତି ପଦକ୍ଷେପ ନେଉନାହିଁ। ଏନେଇ ଆରଏମ୍‌ସି ସମ୍ପାଦକ ଗୁରୁ ନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ଏ ଦିଗରେ ଯଥାଶୀଘ୍ର ପଦକ୍ଷେପ ନେବି ।

# ୨ ଭଉଣୀଙ୍କ ମୃତ୍ୟୁ ଘଟଣା: ଅନ୍ଧବିଶ୍ୱାସ ନେଇଛି ଜୀବନ

ମାଲକାନଗିରି,୫।୨ (ଡି.ଏନ.ଏ.)

ମାଲକାନଗିରି ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ଏବେ ମଧ୍ୟ ଅନ୍ଧବିଶ୍ୱାସ ଚଳି ଆସୁଛି। ଏଥିଯୋଗୁ ସୋମବାର ୨୪ ଘଣ୍ଟା ମଧ୍ୟରେ ୨ ଭଉଣୀଙ୍କ ମୃତ୍ୟୁ ଘଟିବା ପରି ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ଖବରରୁ ଜଣାପଡିଛି ପଡିଆ ଥାନା ଅନ୍ତର୍ଗତ ମାଟେରୁ ପଞ୍ଚାୟତ ଟେକାଲଗୁଡା ଗ୍ରାମର ଜଗା ପଡିଆମି ଜଣେ ଗରିବ ବ୍ୟକ୍ତି ହୋଇଥିବାରୁ ରୋଜଗାର ପାଇଁ ପଡୋଶୀ ଛତିଶଗଡକୁ କୁଲି ଖଟିବା ଲାଗି ଯାଇଥିଲେ । ଘରେ ସ୍ତ୍ରୀ ଓ ୨ ଝିଅ ରହିଥିଲେ। ବଡ ଝିଅ ଗୀତା (୪) କିଛିଦିନ ପୂର୍ବରୁ ଜ୍ୱରରେ ପୀଡିତ ହୋଇଥିବା ବେଳେ ସାନଝିଅ ରିନା (୨) ମଧ୍ୟ ଜ୍ୱରରେ ପୀଡିତ ଥିଲେ । ଗ୍ରାମରେ ସ୍ୱାସ୍ଥ୍ୟସେବା ନ ଥିବାରୁ ମାଆ ସେହି ଗ୍ରାମର ଜଣେ ଗୁଣିଆଙ୍କୁ ୨ ଝିଅଙ୍କ ଜ୍ୱର ସମ୍ପର୍କରେ କହିଥିଲେ। ପରେ ଗୁଣିଆ ଜଣକ ତା'ର ପାରମ୍ପରିକ ଝଡାଫୁଙ୍କା ଚିକିତ୍ସା କରିଥିଲେ । ମାତ୍ର ଉଭୟଙ୍କ ଜ୍ୱର କମିବା ବଦଳରେ ବଢିଥିଲା । ଗତ ୨ ତାରିଖ ରାତିରେ ବଡ ଝିଅ ଗୀତାର ମୃତ୍ୟୁ ହୋଇଥିବା ବେଳେ ୨୪ ଘଣ୍ଟା ମଧ୍ୟରେ ସାନଝିଅ ରିନାର ମଧ୍ୟ ମୃତ୍ୟୁ ହୋଇଯାଇଥିଲା। ୨ ଭଉଣୀଙ୍କ ମୃତଦେହ ଗାଁ ଶ୍ମଶାନରେ ଏକ ପୋତା ଯାଇଥିଲା ।

# ଲୋକଙ୍କ ଆସ୍ଥାଭାଜନ ପାଇଁ ପ୍ରୟାସ କରୁଛି ବିଏସ୍ଏଫ୍

ମାଲକାନଗିରି,୫।୨(ଡି.ଏନ.ଏ.)

ଛତିଶଗଡ଼ ସୀମାନ୍ତକୁ ଲାଗିଥିବା ମାଲକାନଗିରି ଜିଲା ମାଥିଲି ଅଞ୍ଚଳରେ ମୁତୟନ ହୋଇଥିବା ସୀମା ସୁରକ୍ଷା ବାହିନୀ(ବିଏସ୍ଏଫ୍) ଗତ ୨ ମାସ ଧରି ସେହି ଅଞ୍ଚଳରେ କ୍ରମାଗତ ଜନସମ୍ପର୍କ ଶିବିର କରି ସାଧାରଣ ଲୋକଙ୍କର ଆସ୍ଥା ଭାଜନ ହେବା ପାଇଁ ପ୍ରୟାସ ଜାରି ରଖିଛି । ମଙ୍ଗଳବାର ମାଥିଲି ଥାନା କିଆଙ୍ଗ ପଞ୍ଚାୟତ ବନସାଘାଟ ଗ୍ରାମରେ ବିଏସ୍ଏଫ୍ ୧୬୦ ବାଟାଲିୟନ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ କମାଣ୍ଡାଣ୍ଟ ତ୍ରିନାଥ ଆଚାରିଆ ଏବଂ ସହକାରୀ କମାଣ୍ଡାଣ୍ଟ ତରୁଣ ପ୍ରକାଶ ମିନା, ଏଏସଆଇ ଦେବେନ୍ଦ୍ର ସିଂଙ୍କ


ବିଏସ୍ଏଫ୍ ଯବାନଙ୍କ ଜନସମ୍ପର୍କ ଶିବିର।

ତତ୍ତ୍ୱାବଧାନରେ ଏହି ଶିବିର ହୋଇଥିଲା। ଶିବିରରେ ଆଖପାଖ ଅଞ୍ଚଳର ଗ୍ରାମବାସୀ, ୱାର୍ଡମେମ୍ବର, ସମ୍ପୃକ୍ତ ଗ୍ରାମଗୁଡିକରେ ଥିବା ବିଦ୍ୟାଳୟର ଶିକ୍ଷକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଗ୍ରାମବାସୀ ଓ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ଉପକରଣ ବଣ୍ଟାଯାଇଥିଲା।

# ମହିଳାଙ୍କୁ ବଳାତ୍କାର ଉଦ୍ୟମ,ଜଣେ ଥାନାରେ ଅଟକ

କାଲିମେଳା,୫।୨(ଡି.ଏନ.ଏ)

ଏମଭି-୭୯ ଥାନା ଅଞ୍ଚଳରେ ରାସ୍ତାରେ ଯାଉଥିବା ଜଣେ ମହିଳାଙ୍କୁ ୨ଜଣ ଯୁବକ ଲିଫ୍ଟ ଦେବା ବାହାନାରେ ନିଛାଟିଆ ସ୍ଥାନକୁ ନେଇ ବଳାତ୍କାର ଉଦ୍ୟମ କରିଥିଲେ। ଏନେଇ ମଙ୍ଗଳବାର ଏମଭି-୭୯ ଥାନାରେ ଅଭିଯୋଗ ହୋଇଛି । ପୋଲିସ ଘଟଣାରେ ସମ୍ପୃକ୍ତ ଥିବା ଜଣେ ଯୁବକଙ୍କୁ ଥାନାକୁ ଆଣି ଅଟକ ରଖିଛି। ଅନ୍ୟ ଜଣେ ଯୁବକ ଫେରାର ହୋଇଯାଇଥିବା ଜଣାପଡିଛି। ଟିଗଲ ଅଞ୍ଚଳର ସମ୍ପୃକ୍ତା ମହିଳା ଗତ ଶନିବାର ପୂର୍ବାହ୍ନ ୧୦ଟାରେ ନିଜ ଗ୍ରାମରୁ କାଲିମେଳା ଅଭିମୁଖେ ଆସୁଥିଲେ । ଏହି ସମୟରେ ଏମଭି-୭୯ ଥାନା ଭୁବନପାଲ୍ଲୀ ପଞ୍ଚାୟତ ଏମଭି-୯୬ ଗ୍ରାମର ବିଧାନ ସୁତାର ଓ ଉମା ଚରଣ ବରେଇ ବାଇକ୍‌ରେ ଆସି ମହିଳାଙ୍କୁ କୁଆଡେ ଯାଉଛ ବୋଲି ପଚାରିଥିଲେ । ସେ କାଲିମେଳା ଯାଉଥିବା କହିବାରୁ ଆମେ ମଧ୍ୟ କାଲିମେଳା ଯାଉଛୁ ଆମ ସହିତ ଆସ ତମକୁ ଆମେ କାଲିମେଳାରେ ଛାଡିଦେବୁ କହିଥିଲେ। ମହିଳା ଜଣକ ସେମାନଙ୍କୁ ବିଶ୍ୱାସ କରି ଯିବାରୁ ଉଭୟେ ତାଙ୍କୁ ଜଙ୍ଗଲିଆ ରାସ୍ତାକୁ ନେଇ ତାଙ୍କ ପ୍ରତି ଅସଦାଚରଣ ପୂର୍ବକ ତାଙ୍କୁ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଥାନାରେ କେସ୍‌ନଂ. ୭/୧୯ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରି ଉମା ଚରଣଙ୍କୁ ଥାନାରେ ଅଟକ ରଖି ପଚାରାଉଚରା କରୁଥିବା ଆଇଆଇସି ରଞ୍ଜନ ସାହୁ କହିଛନ୍ତି।



# ବ୍ୟାଙ୍କ ଆକାଉଣ୍ଟରୁ ୧୯ ହଜାର ଟଙ୍କା ଗାଏବ




**ପାପଡାହାଣ୍ଡି, ୫।୨(ଡି.ଏନ୍.ଏ.)**

ପାପଡାହାଣ୍ଡି ମେଡିକାଲ୍‌ରେ ଝାଡୁଦାର ଭାବେ କାମ କରୁଥିବା ଜଗୁ ଶୁକ୍ରୀ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୧୯ହଜାର ଟଙ୍କା ଗାୟବ ହୋଇଥିବା ନେଇ ସେ ସ୍ଥାନୀୟ ଥାନାରେ ଏତଲା ଦେଇଛନ୍ତି। ପ୍ରକାଶ ଯେ, ୧ ତାରିଖ ରେ ତାଙ୍କ ଆକାଉଣ୍ଟରେ ଦରମା ବାବଦକୁ ୧୮୬୨୯ ଟଙ୍କା ଡିପୋଜିଟ ହୋଇଥିଲା। ଗତ ୨ ତାରିଖ ଦିନ ସେ ଏଟିଏମ୍‌ରୁ ଟଙ୍କା ଉଠାଇବାକୁ ଯାଇଥିବା ବେଳେ ତାଙ୍କ ଆକାଉଣ୍ଟରୁ ୧୯୦୦୦ ଟଙ୍କା ଗାୟବ ହୋଇଥିବା ଜାଣିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ସେ ଏସ୍‌ବିଆଇ ଶାଖା ପରିଚାଳକଙ୍କ ସହ ଆଲୋଚନା କରିଥିଲେ। ଏସ୍‌ବିଆଇ ଶାଖା ପରିଚାଳକ ୭ ଦିନରେ ମହଲତ ନେଇଛନ୍ତି। ତେବେ ତାଙ୍କ ଆକାଉଣ୍ଟରୁ ନାଗପୁରର ଏକ ଏଟିଏମ୍‌ରୁ ଟଙ୍କା ଉଠା ଯାଇଥିବା ଜଣା ପଡିଛି। ତୁରନ୍ତ ଟଙ୍କା ଫେରିପାଇବା ଲାଗି ଜଗୁ ନିବେଦନ କରିଛନ୍ତି।

## ଅଜଣା ଗାଡି ଧକ୍କାରେ ଜଣେ ମୃତ

**ନବରଙ୍ଗପୁର,୫।୨(ବି.ପ୍ର)**

ନବରଙ୍ଗପୁର ଜିଲା ସାଗର ମୁଣ୍ଡା ନିକଟରେ ଅଜଣା ଗାଡି ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ସରଗୁଡା ଗ୍ରାମର ଗୋବିନ୍ଦ ବିଶୋୟୀ (୪୫)। ଗୋବିନ୍ଦ ଓ ତିଳ ମାଝି ଡଙ୍ଗରଭେଜାରୁ ସରୁଗୁଡା ବାଇକ ଯୋଗେ ଫେରୁଥିବା ବେଳେ ଏକ ଅଜଣା ଗାଡି ଧକ୍କା ଦେଇଥିଲା। ଏଥିରେ ଗୋବିନ୍ଦଙ୍କ ମୃତ୍ୟୁ ଘଟିଥିବା ବେଳେ ତିଳ ଗୁରୁତର ହୋଇଥିଲେ। ତିଳଙ୍କୁ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେଠାରୁ କୋରାପୁଟ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ।

## ଚନ୍ଦାହାଣ୍ଡିରେ ଧନୁଯାତ୍ରା ମହୋତ୍ସବ

**ଚନ୍ଦାହାଣ୍ଡି,୫।୨(ଡି.ଏନ.ଏ)**

ଚନ୍ଦାହାଣ୍ଡି ସଦର ମହକୁମାରେ ରବିବାରଠାରୁ ଧନୁଯାତ୍ରା ମହୋତ୍ସବର ଶୁଭାରମ୍ଭ ହୋଇଛି। ବରଗଡ ଜିଲାରୁ କଳାକାରମାନେ ଆସି ମଞ୍ଚରେ ଅଭିନୟ କରୁଛନ୍ତି। ବୁଧବାର ଷଷ୍ଠପୁତ୍ର ନିଧନ, ଗୁରୁବାର କୃଷ୍ଣ ଜନ୍ମ, ଶୁକ୍ରବାର ପୁତନା ପ୍ରେରଣ, ରବିବାର ପଦ୍ମାବତୀ ବିବାହ, ସୋମବାର କଂସ ନିଧନ ଏବଂ ଯମ ଦରବାର ଅନୁଷ୍ଠିତ ହେବ ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ମିନାବଜାର ଓ ବିଭିନ୍ନ ଘରକରଣା ସାମଗ୍ରୀ କିଣିବା ପାଇଁ ଲୋକଙ୍କ ଭିଡ ଲାଗି ରହୁଛି। ଚନ୍ଦାହାଣ୍ଡିଠାରେ ରତ୍ନାକର ପୂଜାରୀଙ୍କ ନେତୃତ୍ୱରେ ପ୍ରଥମ ଥର ପାଇଁ ଏହି ଧନୁଯାତ୍ରାର ଆରମ୍ଭ ହୋଇଛି। ଧନୁଯାତ୍ରା ମହୋତ୍ସବରେ ଆକାଶ ମାଝି, ମନୋଜ ମାଝି, ଜିତେନ୍ଦ୍ର ଚୌହାନ, ଦୁର୍ଯ୍ୟୋଧନ ପୁଜାରୀ, କମଳ ପୁଜାରୀ, ପ୍ରଶାନ୍ତ ପାରୀ, ଚଇତୁ ଦଣ୍ଡସେନା, ଲଛମନ ମାଝି, ବବି ବିଶୋଇ, କୃଷ୍ଣ ପୂଜାରୀ, ମହେନ୍ଦ୍ର ରାଉତ, କମଳ ପୁଜାରୀ ପ୍ରମୁଖ ପରିଚାନଳା କରୁଥିବା ବେଳେ ନଳନୀ ଦାଶ, କିଶୋର କୁମାର ଖମାରୀ , ଯୁବରାଜ ଜଗତ ମଞ୍ଚ ପରିଚାଳନା କରୁଥିଲେ।

## ମୃତ ଶିକ୍ଷକଙ୍କ ପରିବାରକୁ ଆର୍ଥିକ ସହାୟତା

ତେନ୍ତୁଳିଖୁଣ୍ଟି, ୫।୨(ଡି.ଏନ୍.ଏ.)– ଭବାନୀପାଟଣାରେ ଏକ ବସ୍ ଦୁର୍ଘଟଣାରେ ତେନ୍ତୁଳିଖୁଣ୍ଟିରେ କାର୍ଯ୍ୟରତ ଶିକ୍ଷକ ଅରୁଣ କୁମାର ବେଜଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ପରିବାରକୁ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ ପକ୍ଷରୁ ମଙ୍ଗଳବାର ଆର୍ଥିକ ସହାୟତା ଦିଆଯାଇଛି। ଏହି ସମୟରେ ସଂଘ ସଭାପତି ମାଳି ହରିଜନ, ଉପସଭାପତି ସଞ୍ଜୟ କୁମାର ସୁନା, ସମ୍ପାଦକ ଦୁଷ୍ମନ୍ତ ନାୟକ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ପଟ୍ଟନାୟକ, ଅଜୟ ହରିଜନ, ପୂର୍ଣ୍ଣ ହରିଜନ, ନକୁଳ ହରିଜନ, କିଶୋର ନାୟକ, ଅଭିମନ୍ୟୁ ମହାପାତ୍ରଙ୍କ ସମେତ ଅବସରପ୍ରାପ୍ତ ଶିକ୍ଷକ ବିଜୟ ମହାରଣା ଉପସ୍ଥିତ ଥିଲେ।

# ଗୃହହୀନଙ୍କୁ ମିଳୁନି ଘରଡିହ ପଟ୍ଟା

**ନବରଙ୍ଗପୁର,୫।୨(ବି.ପ୍ର.)**

ନବରଙ୍ଗପୁର ବ୍ଲକ କାର୍ଯ୍ୟାଳୟଠାରେ ସୋମବାର ଜିଲାସ୍ତରୀୟ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟୁତକରଣ, ରାସ୍ତାଘାଟ, ବିଦ୍ୟାଳୟ ନିର୍ମାଣ ଓ ଜମିଜମା ସଂକ୍ରାନ୍ତୀୟ ବିଭିନ୍ନ ଅଭିଯୋଗ ଆସିଥିଲା। ଜିଲାପାଳ ନଥିବାରୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ଅଭିଯୋଗ ଶୁଣିଥିଲେ। ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହିଥିଲେ ମଧ୍ୟ ଗୃହହୀନଙ୍କୁ ଘରଡିହ ପଟ୍ଟା ମିଳୁ ନ ଥିବା ଅଭିଯୋଗ ହୋଇଥିଲା। ନବରଙ୍ଗପୁର ସହର ସ୍ଥିତ ଗାଦବାଗୁଡା, ଦଶହରାପଦା ଆଦି ସାହିର ସର୍ଭେ କରାଯାଇ ବାସହୀନଙ୍କୁ ଜମି ପଟ୍ଟା ଦେବାକୁ ବ୍ୟବସ୍ଥା କରାଯାଇଛି । ଆରଓ ଛକ ଠାରୁ ଡିଆରଡିଏ କଲୋନୀ ପର୍ଯ୍ୟନ୍ତ ନବରଙ୍ଗପୁର ଓ ନନ୍ଦାହାଣ୍ଡି ବ୍ଲକ ପଡାଲଗୁଡା ମୌଜା ରହିଛି। ପଡାଲଗୁଡା ମୌଜାର ଗୃହହୀନ ଓ ଜମିହୀନଙ୍କୁ ଜମି ଏବଂ ଘରବାଡି ପଟ୍ଟା ମିଳିଛି । ଆରଓ ଛକ ଠାରୁ ଡିଆରଡିଏ କଲୋନୀ ପର୍ଯ୍ୟନ୍ତ ଗଢି ଉଠିଥିବା ସାହି ବାସିନ୍ଦା ଏଯାଏ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି । ଉକ୍ତ ଅଞ୍ଚଳର ଲୋକ ପଡାଲଗୁଡା ମୌଜାରେ ବସବାସ କରୁଥିଲେ ମଧ୍ୟ ସେମାନଙ୍କ ପ୍ରତି ଦୃଷ୍ଟି ଦିଆଯାଉନାହିଁ। ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହିଥିବା ବାସିନ୍ଦାଙ୍କୁ ଏଯାଏ ଘର ଡିହ ପଟ୍ଟା ମିଳିନାହିଁ। ଦଖଲରେ ରହିଥିବା ନେଇଁ ରାଜସ୍ୱ ବିଭାଗକୁ ଫାଇନ ମଧ୍ୟ ଦେଇ ଆସୁଛନ୍ତି। ଘର ଡିହ ପଟ୍ଟା ପାଇନଥିବାରୁ ଆବାସ ଯୋଜନା, ସ୍ଥାୟୀ ବାସିନ୍ଦା, ଗୃହଋଣ ଆଦି ପାଇବାରୁ ବଞ୍ଚିତ ହୋଇଆସୁଥିବା ଜଣାଇଛନ୍ତି। ଏନେଇ ଶତାଧିକ ମହିଳା ଓ ପୁରୁଷ ଦସ୍ତଖତ ସମ୍ବଳିତ ଲିଖିତ ଅଭିଯୋଗ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦେଇଛନ୍ତି। ଉକ୍ତ ଅଞ୍ଚଳ ବାସିନ୍ଦାଙ୍କ ଜମି ଚିହ୍ନଟ କରି ପଟ୍ଟା ବଣ୍ଟନ ନକଲେ ସମସ୍ତ ସାହି ବାସିନ୍ଦା ଭୋଟ ବର୍ଜନ କରିବୁ ବୋଲି ଲିଖିତ ଭାବେ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।


ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ ।








Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ବ୍ଲକସ୍ତରୀୟ ମୋ ସ୍କୁଲ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି, ୫ା୨(ସ୍ୱ.ପ୍ର.)

ଗଜପତି ଜିଲା ଗୋଷାଣୀ ବ୍ଲକର ଗୁରାଣ୍ଡି ଗ୍ରାମସ୍ଥିତ ଏସ୍‌କେସିଜି ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମୋ ସ୍କୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଷ୍ଠୀ ଶିକ୍ଷାଧିକାରୀ ଠାକୁର ପ୍ରସାଦ ସିଂ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶିବାଜୀ କହଁରଙ୍କ ସମେତ ବ୍ଲକର ସମସ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୧୪୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଓ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ମୋ ସ୍କୁଲ କାର୍ଯ୍ୟକ୍ରମରେ ସମସ୍ତେ ସାମିଲ ହୋଇ ଏହାକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ପ୍ରଧାନ ଶିକ୍ଷକ ବାସୁଦେବ ଦଳାଇ, ତିରୁମଲା ପଟ୍ଟନାୟକ, ବାଳକୃଷ୍ଣ ମାଝୀ ପ୍ରମୁଖ ମୋ ସ୍କୁଲ ଅଭିଯାନର ଉଦ୍ଦେଶ୍ୟ ବିଷୟରେ ବୁଝାଇଥିଲେ।




# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

■ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ କୃଷକ ସଂଘର ବିକ୍ଷୋଭ
■ ଦାବି ପୂରଣ ନ ହେଲେ ୧୧ ତାରିଖରୁ ଦିଆଯିବ ଧାରଣା

ପାରଳାଖେମୁଣ୍ଡି, ୫ା୨(ସ୍ୱ.ପ୍ର.)

ଗଜପତି ଜିଲା କୃଷକ ସଂଘ ପକ୍ଷରୁ ଚାଷୀ ସମସ୍ୟା ନେଇ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ରଜନୀକାନ୍ତ ସ୍ୱାଇଁଙ୍କୁ ଏକ ସ୍ମାରକ ପତ୍ର ଦିଆଯାଇଛି। ସଂଘର ସଭାପତି ସୂର୍ଯ୍ୟନାରାୟଣ ପଟ୍ଟନାୟକଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଚାଷୀ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଉପଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେଇଥିଲେ। ସହରାଞ୍ଚଳ ଚାଷୀଙ୍କୁ କାଳିଆ ଓ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିବା, ତିତ୍‌ଲି ଓ ପେଥାଇ ବାତ୍ୟାରେ ନଷ୍ଟ ହୋଇଥିବା ବେରଙ୍ଗୀ ଧାନକୁ କିଣିବା, ମିଲରମାନେ ୧୦କେଜି ପର୍ଯ୍ୟନ୍ତ ଧାନକାଟ କରିବାରୁ ନିବୃତ୍ତ ରହିବା, ପାଣି ପଞ୍ଚାୟତଗୁଡିକୁ ସଶକ୍ତୀକରଣ କରିବା ନାଁରେ ଜଳସେଚନ ବିଭାଗରେ ଦୁର୍ନୀତିକୁ ପ୍ରଶ୍ରୟ ନ ଦେବା, ପାରଳାଖେମୁଣ୍ଡି ଉପକଣ୍ଠ ଅଞ୍ଚଳର କୃଷକମାନଙ୍କୁ ତିତ୍‌ଲି ବାତ୍ୟା ସହାୟତା ଦେବା, କୃଷକଙ୍କୁ ଦିଆଯାଇଥିବା ବିଭିନ୍ନ ପ୍ରତିଶ୍ରୁତି ପାଳନ କରିବା ଇତ୍ୟାଦି ଦାବି ଉପସ୍ଥାପନ କରାଯାଇଛି। ତୁରନ୍ତ ଦାବିଗୁଡ଼ିକ ପୂରଣ ନହେଲେ ଆସନ୍ତା ୧୧ତାରିଖଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ ବୋଲି ସଂଘ ସଭାପତି ପଟ୍ଟନାୟକ କହିଛନ୍ତି।


ସ୍ମାରକପତ୍ର ଦେବାକୁ ଆସିଥିବା କୃଷକମାନେ।

# ଏରୋସ୍ପେସ୍ ଦକ୍ଷତା ବିକାଶ କର୍ମଶାଳା

ପାରଳାଖେମୁଣ୍ଡି, ୫ା୨(ସ୍ୱ.ପ୍ର.)

ଆନ୍ଧ୍ରପ୍ରଦେଶର ନାଗାର୍ଜ୍ଜୁନ ବିଶ୍ୱବିଦ୍ୟାଳୟରେ ଏରୋସ୍ପେସ ଦକ୍ଷତା ବିକାଶ କର୍ମଶାଳା ଆୟୋଜନ କରାଯାଇଛି। ଏହା ୪ତାରିଖରୁ ଆରମ୍ଭ ହୋଇଥିବାବେଳେ ୬ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୁଖ୍ୟ ଅତିଥି ଭାବେ ଆନ୍ଧ୍ରପ୍ରଦେଶ ଦକ୍ଷତା ବିକାଶ ନିଗମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଟି. ଅନୀଲ କୁମାର ଯୋଗଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ତଥା ଗ୍ରାମତରଙ୍ଗ କୌଶଳ ବିକାଶ କାର୍ଯ୍ୟକ୍ରମର ମୁଖ୍ୟ ରବୀନ୍ଦ୍ର ଶାହା ଯୋଗଦେଇ ବକ୍ତବ୍ୟ ରଖିଛନ୍ତି। ଦକ୍ଷତା ବିକାଶ ନିଗମ ସହଯୋଗରେ ନାଗାର୍ଜ୍ଜୁନ ବିଶ୍ୱବିଦ୍ୟାଳୟ ମେକାନିକାଲ ଇଂଜିନିୟରିଂ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ ଏରୋସ୍ପେସ ଡିଜାଇନ୍, ନିର୍ମାଣ ଓ ପରୀକ୍ଷଣ ବିଷୟରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରାଯାଇଛି।



କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

# ଶୋଭାଯାତ୍ରା, ଦାସକାଠିଆ ମାଧ୍ୟମରେ ସଡ଼କ ସୁରକ୍ଷା ସଚେତନତା

କାଶୀନଗର/ପାରଳାଖେମୁଣ୍ଡି, ୫ା୨(ଡି.ଏନ.ଏ./ସ୍ୱ.ପ୍ର.)

ଗଜପତି ଜିଲା କାଶୀନଗର ସହରରେ ମଙ୍ଗଳବାର ପୋଲିସ ଓ ପ୍ରଶାସନ ପକ୍ଷରୁ ମିଳିତ ଭାବେ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ଏହି ଅବସରରେ ସଭା, ଶୋଭାଯାତ୍ରା ଓ ଦାସକାଠିଆ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଇଥିଲା। ସ୍ଥାନୀୟ ଥାନା ନିକଟରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏଥିରେ କାଶୀନଗର କନିଷ୍ଠ ଓ ଡିଗ୍ରୀ କଲେଜର ଛାତ୍ରୀଛାତ୍ରମାନେ ସାମିଲ ହୋଇ ପ୍ଲାକାର୍ଡ ଓ ସ୍ଲୋଗାନ ମାଧ୍ୟମରେ ସୁରକ୍ଷିତ ଗାଡ଼ି ଚାଳନା ନେଇ ସଚେତନତା ସୃଷ୍ଟି କରିଥିଲେ। ଫରେଷ୍ଟ ଜଙ୍କସନଠାରେ ଶୋଭାଯାତ୍ରା ପହଞ୍ଚିବା ପରେ ସଭା ହୋଇଥିଲା। ତହସିଲଦାର ତଥା ବିଡିଓ ଶାନ୍ତିସ୍ୱରୂପ ମିଶ୍ର, ଏମ୍‌ଭିଆଇ ବସନ୍ତ କୁମାର ମହାପାତ୍ର, ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର, ସେକେଣ୍ଡ ଅଫିସର ରଞ୍ଜିତ କୁମାର ମୁନି, ଏସ୍‌ଆଇ ଏଲ.ଏନ.ବେହେରା ଏବଂ ସୁଲୋଚନା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ହେଲମେଟ ପିନ୍ଧି ବାଇକ୍ ଚଳାଇବା, ଦ୍ରୁତ ଗତିରେ ଓ ମଦ୍ୟପାନ କରି ଗାଡ଼ି ନ ଚଳାଇବା, ଗାଡ଼ି ଚାଳନା ବେଳେ ମୋବାଇଲ ବ୍ୟବହାର ନ କରିବା, ସିଟ୍ ବେଲ୍ଟ ବାନ୍ଧିବା, ଟ୍ରାଫିକ ନିୟମ ମାନିବା ଆଦି ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଦାସକାଠିଆ ପରିବେଷଣ କରାଯାଇଥିଲା। ବସ୍‌ଷ୍ଟାଣ୍ଡରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା।

ସେହିପରି ଗୁରାଣ୍ଡି ଥାନା ପକ୍ଷରୁ ଜାତୀୟ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏଥିରେ ଥାନା ଅଧିକାରୀ ପି. ଶ୍ୟାମ ସୁନ୍ଦର ରାଓ ଯୋଗଦେଇ ସୁରକ୍ଷିତ ଯାତ୍ରା ଓ ଟ୍ରାଫିକ ନିୟମ ପାଳନ ବିଷୟରେ ଜନସାଧାରଣଙ୍କୁ ବୁଝାଇଥିଲେ। ୪ଟି ପଞ୍ଚାୟତରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏଏସ୍‌ଆଇ ଗଜପତି ଦୋରା, ଚନ୍ଦନ ଦାସ, ଗିରି ଜେନା ପ୍ରମୁଖ ଉପସ୍ଥିତ ଥିଲେ।


କାଶୀନଗରଠାରେ ଦାସକାଠିଆ ପରିବେଷଣ କରାଯାଉଛି।



ଗୁରାଣ୍ଡିଠାରେ ସଚେତନତା ରଥ ବାହାରିବା ଅବସରରେ ଉପସ୍ଥିତ ପୋଲିସ କର୍ମଚାରୀମାନେ।

